What to do for the inner self? God is everywhere. The Lord is in me; I am his shrine. As a shrine is kept neat and clean, I will try my best to keep my body, breathe, and mind pure and orderly.

Is it possible for me to do this? is it possible to practice non-attachment?

Maharishi Patanjali, says, "**O aspirant, learn to practice until the last breath of your life.**"

We have some misconception towards non-attachment. Non-attachment does not mean indifference or non-loving. Non-attachment and love are one and the same.

A real sannyasi is one who works relentlessly for the betterment of this society, helping out each and everyone who comes in his/ her contact with love and care. He cultivates the virtues of truth, compassion and service among his companions. Lord Krishna says a true Sannyasi is a KARMAYOGI in World.

## Rathajatra 2014 Income and Expense Report

We thank following sponsors in different categories for their generous support for this year ratha jatra

**Taladhvaja Sponsors:**

Nameeta and Chitaranjan Das, PA
Sudip and Sumita Patnaik, MD
Sujit and Pinky Das, VA
Urmila Mohapatra, VA
Bigyani and Naresh Das, MD

**Darpadalana Sponsors:**

Sudhir and Reema Raju, VA
Bandita and Nrusingha Misrha, MD
Anonymous Donor

**Nandighosa Sponsors:**

Baruni and Prasana Samal, MD
Indu and Jhunu Mishra, AZ
Priti and Hemanta Biswal, VA
Sulochana and Joy Gopal Mohanty, MD
Rosy and Biswa Mahapatra, MD
Sangeeta and Prafulla Nayak, VA
Ram Nayak, VA
Meera and Shashadhar Mohaptra, MD
Maushumi and Sandeep Pattanaik, MD
Sinu and Bijoy Dash, MD
Urmila and Devraj Sahu, MD
Barnali and Ajit Sahu, VA
Rashmita and Santosh Nayak, VA
Snigdha and Manoj Mishra, MD
Meeta and Manoj Panda, MD
Bhudeep and Munmun Patnaik, MD

Sushmita and Pradeep Behera, MD
Anu and Nilambar Biswal, MD
Bandita and Binod Nayak, MD
Kalpana and Pinaki Panigrahi, MD
Jhinu and Santanu Chhotray, VA
Shila and Bhabani Das, VA
Gyana and Sujata Bohidar, VA
Anup Bakshi, VA
Sashmita and Sanjay Jena, VA
Sudhansu and Lopa Mohanty, VA
Santosh Nayak, VA
Dilip and Sudhira Patnaik, MD

**Prasad Sponsor:**
Pranati and Tapas Panda, MD
Many anonymous donors

**Total fund received - $5350**

**Expenses:**
Temple and priest – $880
Ratha procession - $650
Food - $1355.56
Ratha development $1020-25 (include new wheel)
**Total expenses - $3905.81**

Net income will be used for JOGA developmental project.

## ***Holi 2014 Sponsors***

***Balabhadra Sponsors:*** Sudhir and Reema Raju, VA; Naresh and Bigyani Das, MD, Devraj and Urmila Sahu, MD

***Jagannath Sponsors:*** Anu and Nilamabar Biswal, MD; Hemant and Priti Biswal, VA; Shashadhar and Meera Mohapatra, MD; Nrusingha and Bandita Mishra, MD

***Bhajan Program sponsors:*** We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Lalit and Hema Behera, MD
Bijoy and Anasuya (Sinu) Dash, MD
Shantanu and Jhinu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA
Prakash and Manswini Sahu, VA

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt Sharmaji and Ram Narayan Shashtriji have been very resourceful.

## Wise Thoughts:

Promise yourself to be so strong that nothing can disturb your peace of mind. Look at the sunny side of everything and make your optimism come true. Think only of the best, work only for the best, and expect only the best. Forget the mistakes of the past and press on to the greater achievements of the future. Give so much time to the improvement of yourself that you have no time to criticize others. Live in the faith that the whole world is on your side so long as you are true to the best that is in you!
***~Christian D. Larson***

Promises are the uniquely human way of ordering the future, making it predictable and reliable to the extent that this is humanly possible.
***~Hannah Arendt***

Not the maker of plans and promises, but rather the one who offers faithful service in small matters. This is the person who is most likely to achieve what is good and lasting.
***~Johann Wolfgang von Goethe***

Those that are most slow in making a promise are the most faithful in the performance of it.
***~Jean Jacques Rousseau***

Do not believe in anything simply because you have heard it. Do not believe in anything simply because it is spoken and rumored by many. Do not believe in anything simply because it is found written in your religious books. Do not believe in anything merely on the authority of your teachers and elders. Do not believe in traditions because they have been handed down for many generations. But after observation and analysis, when you find that anything agrees with reason and is conducive to the good and benefit of one and all, then accept it and live up to it.
***~Buddha***




**ବ୍ୟ**ସ୍ତ, ବିବ୍ରତ ଜୀବନରେ କାର୍ଯ୍ୟର ବହୁଳତା ଏତେ ଅଧିକ ଯେ, ମନ ସ୍ଥିରକରି ଭାବିବା ପାଇଁ ବି ବେଳେବେଳେ ନିଜପାଖରେ ସମୟ ନିଯୁକ୍ତି ନେବାକୁ ପଡେ । କାମ ଚାଲିଥାଏ ବିନା ଭାବନାରେ, ବିନା ଯୋଜନାରେ, କେମିତି ଏକ ପ୍ରବାହ ଭଳି । ଚାକିରି କାମ, ପିଲାଛୁଆଙ୍କ କାମ, ରୋଷେଇ କାମ, ଘରସଫା କାମ, ଠାକୁରଙ୍କ କାମ, ବନ୍ଧୁବାନ୍ଧବଙ୍କ ସହିତ ମିଶିବାର କାମ, ପରିବାର ଓ ସଂପର୍କୀୟ ମାନଙ୍କ ସହିତ ସମ୍ବନ୍ଧ ବଜାୟ ରଖିବାର କାମ, ଏମିତି କେତେକେତେ କାମ ସବୁ । ବିଶେଷତଃ ବିଦେଶୀ ଭାରତୀୟ ମାନଙ୍କ ପାଇଁ ଆମେରିକାରେ କାମ ଦ୍ୱିଗୁଣିତ ହୋଇଯାଏ, ସାର୍ଟପ୍ୟାଣ୍ଟ୍ ଓ ଶାଢୀ, ସାଲ୍ୱାର୍‌ର ହିସାବ ରଖିବାଠାରୁ ଆରମ୍ଭ କରି ଦୀପାବଳୀ ଓ କ୍ରିଷ୍ଟମାସ୍ ପାଳିବାର ପରଂପରା ରଖିବାର କାମ, ସବୁକିଛି କରିବାକୁ ପଡେ ।

ଏସବୁ କର୍ମଜଞ୍ଜାଳ ମଧ୍ୟରେ କବିଟିଏ ଝୁରି ହେଉଥାଏ । "କେତେବେଳେ ଆସିବ ସେ ପ୍ରତୀକ୍ଷିତ ମୁହୂର୍ତ୍ତ, ଯେତେବେଳେ ମୁଁ ନିଜ ସହିତ କିଛି ଅନ୍ତରଙ୍ଗ ସମୟ ବିତାଇପାରିବି । ନିଜମନ ସହିତ ଖୋଲା କଥାବାର୍ତ୍ତା କରିପାରିବି, ନିଜକୁ ବୁଝିପାରିବି । ନିଜର ଶାନ୍ତି ଓ ସୁଖର ପରିମାପ କରି ଆତ୍ମାର ସ୍ୱାସ୍ଥ୍ୟପରୀକ୍ଷା କରିପାରିବି ।" ଯେତେବେଳେ ସେ ପ୍ରତୀକ୍ଷିତ ମୁହୂର୍ତ୍ତ ମିଳିଯାଏ, ସେତେବେଳେ କବି ଘାସଫୁଲରେ ସଂଗୀତ ଶୁଣେ, ଖୋଲା ଆକାଶରେ ଈଶ୍ୱରଙ୍କୁ ଦେଖିପକାଏ ଓ ସୂର୍ଯ୍ୟାଲୋକରେ ଅଗ୍ନିଦେବତାଙ୍କୁ ଅନୁଭବ କରେ ।

ଏମିତି ସବୁ ମନର ଭାବନାକୁ ନେଇ ଲେଖିଥିବା କବିତାଗୁଡିକ ସାଙ୍ଗମାନଙ୍କ ସହିତି ବାଣ୍ଟିଥିଲେ ୱାସିଂଟନ୍ ଡିସି ଅଞ୍ଚଳର କେତେକ କବି, ୨୦୧୪ ମସିହା ଏପ୍ରିଲ୍ ମାସ ଛବିଶ ତାରିଖରେ । ଏହିଦିନ ୱାସିଂଟନ୍ ଡିସି ଅଞ୍ଚଳରେ ଯୋଗ ସଂସ୍ଥାନ ତରଫରୁ ବିଷୁବମିଳନ ଉପଲକ୍ଷେ, ବିନୋଦ ଓ ବନ୍ଦିତା ନାୟକଙ୍କ ଗୃହରେ (୧୧୦୦୪ କଲୋନିଆଲ୍ ଗ୍ରୀନ୍ କୋର୍ଟ, ନର୍ଥ ପୋଟୋମାକ୍, ମେରୀଲାଣ୍ଡ) କବିତାପାଠର ଆୟୋଜନ କରାଯାଇଥିଲା । ମୁଖ୍ୟ ଆୟୋଜକ ଭାବେ ଦେବରାଜ ସାହୁ ଏ କବିତାପାଠ ପରିଚାଳନାର ଦାୟିତ୍ୱ ଅତି ସୁଚାରୁରୂପେ ସଂପାଦନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓ ଶେଷରେ ଦୁଇଟି ଦେଶାତ୍ମବୋଧକ ଗୀତ ପରିବେଷଣ କରାଯାଇଥିଲା । ସେଇଥିରୁ କିଛି କବିତା ଆମର ଏ ସ୍ୱତନ୍ତ୍ର ବିଭାଗରେ ଭେଟି ଦେଉଛୁ ।

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ
ସେପ୍‌ଟେମ୍ବର୍ ୧, ୨୦୧୪

# ସୂଚୀପତ୍ର

| | |
|---|---|
| ତୁଙ୍ଗ ଶିଖରୀ ଚୂଳ | ଓଡିଆ ଦେଶାତ୍ମବୋଧକ ଗୀତ – (ବିଜ୍ଞାନୀ ଦାସ – ସଂଯୋଜିକା) |
| ଦୟାନଦୀ କୂଳୁ ଶୁଭଇରେ ଶୁଣ | ଓଡିଆ ଦେଶାତ୍ମବୋଧକ ଗୀତ – (ପ୍ରଣତୀ ଦାଶ – ସଂଯୋଜିକା) |
| Mythical Creatures | Anika Satapathy |
| The Things that we take for Granted | Manaswee Mishra |
| MyDaddy | Rupul Panda (Written by Yasna Panda) |
| ଈଶ୍ୱର ଭୟଙ୍କର | ଶିଖଣ୍ଡ ଶତପଥୀ |
| ଶୂନ୍ୟତାର ଅନ୍ୱେଷାରେ | ବବ୍ରୁ ସାମଲ |
| ସିଲ୍‌ଭର୍‌ସ୍ପ୍ରିଙ୍ଗ୍ | ଶଶଧର ମହାପାତ୍ର |
| ସ୍ମୃତି ତୁମେ | ଶଶଧର ମହାପାତ୍ର |
| ଶାନ୍ତିର ମାୟାରେ | ବିଜ୍ଞାନୀ ଦାସ |
| ଆକାଶର ସ୍ୱପ୍ନ | ସୁଲୋଚନା ପଟ୍ଟନାୟକ |
| ଭାବନାରୁ ଖିଏ | ମନୋଜ ପଣ୍ଡା |
| ସଙ୍କେତ | ଦେବରାଜ ସାହୁ |
| ଆପେକ୍ଷିକତା | ସ୍ନିଗ୍ଧା ହୋତା |
| ପଣା ସଂକ୍ରାନ୍ତିରେ ପଣା | ପାଠକ (ସାମାନ୍ୟ ପରିବର୍ତ୍ତନ ସହ)-ଜୟଗୋପାଳ ମହାନ୍ତି<br>ମୂଳ ଲେଖା – ତାରା ପ୍ରସାଦ ଜେନା |
| ଆସିବ, ଶାନ୍ତିଦେବ | ପାଠକ – ବିନୋଦ ନାୟକ, ମୂଳ ଲେଖା – ଲକ୍ଷ୍ମୀଧର ନାୟକ (ସ୍ୱର୍ଗତ) |




Pictures: http://www.babru.com/vishuv14

## ତୁଙ୍ଗ ଶିଖରୀ ଚୂଳ, କୁଞ୍ଜ କାନନମାଳ

(ଏହି ଦେଶାତ୍ମବୋଧକ ଗୀତଟି କବିତାପାଠର ପ୍ରଥମରେ ପରିବେଷଣ କରାଯାଇଥିଲା )



ତୁଙ୍ଗ ଶିଖରୀ ଚୂଳ, କୁଞ୍ଜ କାନନମାଳ
ପୁଣ୍ୟ ଜଳଧିଜଳ ଖେଳି ଉଠ ସଘନେ
ପ୍ରାଚୀ ଗଗନ ଶିରେ, ଭାସି କନକ ନୀରେ
ଆସ ତପନ ଉଇଁ ଏ ଉତ୍କଳ ଭୁବନେ ।
ତୁଙ୍ଗ ଶିଖରୀ ଚୂଳ, ----ସଘନେ

ଆଜି କି ସରଗ ଛବି ରାଜେ ରୁଚିର
କି ନବଜୀବନେ ଭରା କୋଟି ଅନ୍ତର
କିବା ଏ ସଂପଦ ଶିରୀ, ହୃଦେ ହୃଦେ ଆସେ ପୁରି
କି ପୁଲକ ଧାରା ଖେଳି ଆସେ କୋଟି ବଦନେ । ୧।

ଆହା ଏ ଉତ୍କଳ କିବା ସରଗ ଭୂମି
ବିଲ, ବନ, ଶୈଳ ସିନ୍ଧୁ ସୁଷମା ଘେନି
ଜନମି ଏ ଦେଶେ ଆଜି, ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ, ବର ନର ଜୀବନେ ।୨।

ଲଳିତ ଅନଙ୍ଗ ବୀର ପ୍ରତାପ ଯାର
ପୁଣ୍ୟତେଜେ ଧରାମୁଖ କଲେ ଉଜ୍ଜ୍ୱଳ
ଶାସିଲେ ଅତୁଲ୍ୟ ବଳେ, ପାଳିଲେ ସେନେହ ଭରେ
ଏସବୁ ଓଡିଆ ଦିନେ ଦେଖିଛ ହେ ନୟନେ ।୩।

ବିପୁଳ ଓଡିଆ ସେନା ବାହୁ ବିଜୟେ
ହିମାଳୟ ଚୁଡୁ ଦିନେ କୁମାରି ଯାଏ
ହୃଦୟ ଶୋଣିତ ଢାଳି, ଦେଇ ନିଜ ଶିର ବଳି,
କୀର୍ତ୍ତି ଧ୍ୱଜ ଉଡାଇଲେ କି ପୁଲକ ପରାଣେ ।୪।

ବାରବାଟୀ ଦୁର୍ଗେ ବୀର ଓଡିଆ ସୁତ
ଶତ ଶତ୍ରୁସେନା ନାଶି କିବା ମହତ
ଭାଙ୍ଗିଛି ସେ ବାରବାଟୀ, ସେ ଶିରି ଯାଇଛି ତୁଟି
ରହିଛି ସେ ଯଶ ମିଶି ଜଳେ ସ୍ଥଳେ ପବନେ ।୫।

କୋଣାର୍କ ଜୀର୍ଣ୍ଣ ସୌଧେ ଉତ୍କଳ କୀର୍ତ୍ତି
ଦିଶେ ଦିଶେ ଆଜି କିବା ବିକଶେ ଫୁଟି
ନିଳାଚଳେ ଜଗନ୍ନାଥ, ଯୁଗେଯୁଗେ ବିରାଜିତ
ଉତ୍କଳ ମହିମା ଘୋଷି, ଏ ଭାରତ ଭୁବନେ ।୬।

ବିମଳ ଚିଲିକା ବକ୍ଷେ ଖେଳୁ ସେ ବିଚି
ଉଠୁ ମହୋଦଧି ବାରି ଅମୃତ ସିଞ୍ଚି
ମହେନ୍ଦ୍ର ଶ୍ୟାମଳ ଚୂଳେ, ଫୁଟ ଚିତ୍ରୋତ୍ପଳା ନୀରେ
ଢାଳୁ ସେ ସଂପଦ ଶିରି, ଗ୍ରାମ, ବିଲ, କାନନେ ।୭।

ତୋ ଭଳି ଜନନୀ ଥାଉଁ, ଜନମଭୂମି
କି ଦୁଃଖ ଏ ଓଡିଆର ପରାଣେ ପୁଣି?
ମୋହନ ମୁରତି ସେହି, ଦିଅ ଗୋ ମା’ ଆଜି ଫେଇ
କୋଟିଏ ସନ୍ତାନ ତୋର, ପ୍ରଣମୁଁ ଏ ଚରଣେ ।୮।

# ଦୟାନଦୀ କୂଳୁ ଶୁଭଇରେ ଶୁଣ

(ଏହି ଦେଶାତ୍ମବୋଧକ ଗୀତଟି କବିତାପାଠର ଶେଷରେ ପରିବେଷଣ କରାଯାଇଥିଲା)



ଦୟାନଦୀ କୂଳୁ ଶୁଭଇରେ ଶୁଣ, ଦଧିଚିର ଆତ୍ମବଳି
ଧର୍ମାଶୋକର ଧର୍ମବାରତା ନୀରବେ ଗାଏ ଧଉଳି ।

ଖୋରଧା ଭୂଖଣ୍ଡେ ବକ୍ସି ସାଆନ୍ତ
ଦେଇଗଲେ ଯେଉଁ ବାଣୀ
ଡରିଲା ଫିରିଙ୍ଗି ତେଣା ତା ଛାଡିଲା
ନାଁକୁ ଯାହାର ଶୁଣି
ଏହି ସେ ଉତ୍କଳ ସରଗର ସମ, ଆମେ ସଭିଏଁ ଉତ୍କଳୀ ।୧।
ଯେଉଁଠି ଦେଶର ସ୍ୱାଧୀନତା ପାଇଁ
ବାର ବର୍ଷର ବାଳକ
ପାରିକଲା ନାହିଁ ଫଉଜ ଶାସକେ
ରଖିଗଲା ଦେଶ ଟେକ
ବାଜିରାଉତ ସେ ପତାଇଲା ଛାତି ଭୂଇଁରେ ପଡିଲା ଢଳି ।୨।
ଯେ ଦେଶର ଟେକ ଭୂଖ୍ୟାତ କୋଣାର୍କ
ନିର୍ମାଣ କଲା ଧରମା
ବିଜ୍ଞାନର ଜ୍ଞାନ ହାର ମାନେ ନାହିଁ
ଧନ୍ୟ ଧନ୍ୟ ସେ ସୁକର୍ମା
ବଢେଇ କୂଳକୁ ରଖିଲା ଏ ଦେଶେ ଦେଇ ନିଜ ପ୍ରାଣବଳି ।୩।
ଏ ଭୂଇଁରେ କେତେ ସାଧୁ ସନ୍ଥ କବି
ସେବକ ଲଭିଲେ ଜନ୍ମ
ଜଗନ୍ନାଥ ମଧୁ ରାଧୁ ଗୋପବନ୍ଧୁ
ଜୟଦେବ ଶ୍ରୀଚୈତନ୍ୟ
ରଖିଲେ ସଭିଏଁ ଏ ଜନନୀ ଟେକ ଚଳାଇ କଲମ, ତୁଳୀ ।୪।
ଏ ମାଟିର ନାରୀ ଯାଏନାହିଁ ଡରି
ବିପଦ ଆପଦ ବେଳେ
ଦେଶ ମାଆ ଲାଗି ଦୃଢ ହାତ ଧରି
ତରବାରୀ ନିତି ଚାଳେ
ରାଣୀ ଦୁର୍ଗାବତୀ, ଅହଲ୍ୟା ପଦ୍ମିନୀ, ବୀରା ଶୁକଦେଇ ଭଳି ।୫।

# Mythical Creatures

**Anika Satapathy, Columbia, Maryland**

There used to be many mythical creatures in this world
Some twirled and whirled
Others threw things and flew
Well I will tell you a few



Once upon a time there was a fairy
Her name was Mary
She was green and blue
And she lived in a shoe

Also there used to be a troll
He had a very big mole
People called him midge
He lived under a bridge

Another creature was the Invisible Knight
Who rode with all his might
No one knew his name
He only became visible in a flame

There was the One Eyed Monster
He had long soft purple fur
He scared everyone
But only did it for fun

There also was that Fire Pegasus
She always made a fuss
People called her Pink
She could not skate on an ice rink

There also was the Scaly Mermaid
Her tail was as green as a jade
She would always wear a smile
But she would only swim in the Nile

There was a Helpful Elf
He never thought about himself
People thought his name was Doby
But for all they knew his name could have Moby

Also there was the Fire Dragon
She was so bright she shone
She would protect her castle till night
If anyone passed she would put up a fight

The Fire Dragon's twin was the Ice Dragon
He was mean to everyone
He had not a single friend
No friends till the end

The last one I know of is the Beautiful Veela
She looked like every day she went to the spa
She attracted most people when she appeared
But every time people got close she sneered

There are many more creatures I have not said
But most of them are dead
Look out there might be one behind you
It could be true

---

Anika Satapathy is a 5th grade student at the Pointers Run Elementary School in Clarksville, MD. She loves to dance, sing, paint and play piano.

# My Daddy

---

**Yasna Panda, Rockville, Maryland (Read by Rupul Panda)**




**Those stern eyes,**
**are such a fright,**
**That loud voice makes**
**my body shiver,**
**But inside that hard man**
**Lives my Daddy,**
**Who loves me, sacrifices**
**his own pleasures for me.**
**My Daddy is like butter**
**from inside**
**On this special day**
**I thank him**
**To tell him all that**
**I have never been able**
**to express to him,**
**Thank you Daddy, I love you.**

# The Things that we take for Granted

Manaswee Mishra, Ellicot City, Maryland



The Things that we take for Granted
Food on our table, a home to live in
The things that we take for granted
Family and friends love and care
The things that we take for granted
Education and entertainment
The things that we take for granted
We hear about people, in poverty and
In hunger and we think that's not true
But it is
And we have to care and take a stand
I don't know why people take things for granted
But we should not take for granted
The things that we take for granted

Manaswee Mishra

# ଈଶ୍ୱର ଭୟଙ୍କର

ଶିଖଣ୍ଡ ଶତପଥୀ, କଲମ୍ବିଆ, ମେରୀଲାଣ୍ଡ୍



ମନ୍ଦିରେ ବସାଇ ଆରତି ଦେଖାଇ ହୁଣ୍ଡିତଳ କଲେ କଣା
(ନିତି) ନିୟମରେ ବାନ୍ଧି କର୍ପୂର ଶୁଙ୍ଘାଇ କଲେଣି ତୁମକୁ ବଣା
ତମ ବାଣୀ-ବୋଲି ଉଦ୍‌ଭଟ ମାମୁଲି ଅଧ୍ୟାୟ କଲେଣି ଠୁଳ
କୁକୁଡା ଅଣ୍ଡାକୁ ଶାଳଗ୍ରାମ ଭାଳି ରୋଷଘର ପରିମଳ
ଭଜନରେ ମଜ୍ଜି ସ୍ୱକର୍ମ ବରଜି ନିଷ୍କାମ ହେବାରେ କହି
ନିଷ୍କର୍ମ ହେଲେଣି କର୍ମେ-୦ ହୋଇଣ ଲାହିରେ ତଇଳ ବାହି
ମୁଦ୍ରିତ ନୟନେ ପୁଲକ ବଦନେ ବିରାଡି ସ୍ୱଭାବ ଧର
ମଣିଷ ତମକୁ ଡରିବ କାହିଁକି ତମେ ମଣିଷକୁ ଡର ।।
ଜନମ-ଧରମ ପାବନ ପରମ ଆଖିରେ ପୁଟୁଳି ବାନ୍ଧେ
କୂପ ମଣ୍ଡୁକର ସ୍ୱଭାବ ସଂକୀର୍ଣ୍ଣ ମାଙ୍କଡ ବସାଏ କାନ୍ଧେ
ବିଷ୍ଣୁ ଶର୍ମାଙ୍କର ଚାରି ବନ୍ଧୁ ପରି ଅଜ୍ଞାନ ତିମିର ବନ୍ଧ
ବେଶ ଭୂଷଣର ସରଞ୍ଜାମ ଧରି ଦର୍ପଣ ଆଗରେ ଅନ୍ଧ
ପୋଥି ଖୋଲି ଦଣ୍ଡେ ପ୍ରଖର ପ୍ରଚଣ୍ଡେ ଦେବତା ବିଧାନ କହି
ଅଧର୍ମ ଅଫିମ ନିଶାଗ୍ରସ୍ତ ସବୁ, ଧରାରେ ନରକ ଏହି
ମୃତ୍ୟୁ ବିଭିଷିକା ଧ୍ୱଂସର ତାଣ୍ଡବ ଧର୍ମାମେ ଅତ୍ୟାଚାର
ମଣିଷ ତମକୁ ଡରିବ କାହିଁକି ତମେ ମଣିଷକୁ ଡର ।।

# ଶୂନ୍ୟତାର ଅନ୍ୱେଷାରେ

ବବୁ ସାମଲ, ରକ୍‌ଭିଲ୍‌, ମେରୀଲାଣ୍ଡ୍‌



ନୀରବତା
ପ୍ରତ୍ୟୁଷର ଏକାଏକା ଅଳସବେଳାରେ
ମୁଁ
ଏ ଖୋଲା ଆକାଶ ପରି
ସ୍ୱପ୍ନହୀନ
ଚିନ୍ତାହୀନ
ଏଠି କେହି ନାହିଁ, ଏପରିକି ମୁଁ ବି ନାହିଁ
ଅବଶେଷରେ ମୁଁ ଯେମିତି ଏକ ଶୂନ୍ୟସ୍ଥାନ
ପ୍ରଳୟକାଳରେ ଯୋଗନିଦ୍ରାରେ ସୁପ୍ତ ବିଷ୍ଣୁଙ୍କ ପରି ।

ଇଚ୍ଛା ଆଉ ସ୍ୱପ୍ନର ପରିତ୍ୟାଗରେ
ଜେନ୍‌ ମନ୍ଦିରର ପଥରର ବଗିଚା ପରି
ନିୟତ ପ୍ରସାରିତ ସମୁଦ୍ର ଦିଗ୍‌ବଳୟରେ ଲୁପ୍ତ ହେଲାପରି
ମୁଁ ସମାପ୍ତ ହୋଇଯାଏ ଶୂନ୍ୟତାରେ
ଏକ ଶୂନ୍ୟସ୍ଥାନ ପାଲଟିଯାଏ
ମୋକ୍ଷ ପର ମୁହୂର୍ତ୍ତ ପରି

ପୂର୍ଣ୍ଣତା
ଅଖଣ୍ଡ ମଣ୍ଡଳାକାର
ଶୂନ୍ୟତା
ଅଖଣ୍ଡ ମଣ୍ଡଳାକାର
ସେମାନେ କଣ ପ୍ରତିଶବ୍ଦ?

ପୂର୍ଣ୍ଣତା ଓ ଶୂନ୍ୟତାର ମିଳନରେ
ଶେଷ ନିଷ୍ପତ୍ତି ଏବଂ ବିଲୁପ୍ତି
ସମାଧାନ
ପରମାନନ୍ଦ ।

## ସିଲ୍‌ଭରସ୍ପ୍ରିଙ୍ଗ୍

ଶଶଧର ମହାପାତ୍ର, ସିଲ୍‌ଭରସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍



(୧)
ସିଲ୍‌ଭରସ୍ପିଙ୍ଗ୍
ତୋ ନାଁଟି ଅତି ସୁନ୍ଦର,
ବେଶ୍ ଚମତ୍କାର,
ତୋ ମାଟିରେ ପାଦ ଦେଉ ଦେଉ
ତୁ କରିଥିଲୁ ନିଜର,
ବନ୍ଧୁଭଳି କରିଥିଲୁ ସ୍ୱାଗତ
ବଢେଇଦେଇଥିଲୁ ତୋର କଅଁଳ, ନରମ,
ଭଲପାଇବାର ହାତ
ତୁ କରିଥିଲୁ ସାଦରେ ଆମନ୍ତ୍ରଣ
ତୁ ଦେଖେଇଥିଲୁ ଆତ୍ମୀୟତାର ଚିହ୍ନ
ତୁ ମୋ'ର ପୁରୀ, ବଦ୍ରିକା, ବାରଣାସୀ
ମୋ'ର ସକଳ ତୀର୍ଥ ସ୍ଥାନ

(୨)
କାହିଁ କେଉଁ ରାଇଜରୁ ଆସି
ଲୋକେ ଏଠି କରୁଛନ୍ତି ବାସ
ଯେଉଁଠି ଭେଟିଲେ ତୁମେ
ମୁଖେ ତାଙ୍କ ଫୁଟାଅନ୍ତି ହସ
ଝାଟିମାଟି ଘର ନାହିଁ
ନାହିଁ ଏଠି ଧୂଳି ଓ ଧୂସର
ଚଉଡା, ଚଉଡା ରାସ୍ତା
ଦିନ ରାତି ଚାଲୁଛି ମୋଟର
ରାସ୍ତା ସବୁବେଳେ ଭିଡ
ଯେବେ ତୁମେ କାଢ ଗୋଡ
ଗାଡିଟିରେ ବସି ବସି
ମଣିଷ ହେଲାଣି ଜଡ
ଦାମୀ ଦାମୀ କାର୍‌ମାନ
ଗଡୁଅଛି ସିଲ୍‌ଭରସ୍ପ୍ରିଙ୍ଗ୍‌ରେ
ଘରଦାମ୍ ବଢୁଅଛି
ଏଠି ପ୍ରତି ବରଷରେ
କୋଠାବାଡି ଯେତେ ଯାହା
ଦେଖିବାକୁ ମନମୁଗ୍ଧକର
ସଞ୍ଜ ହେଲେ ଚାଲେ କିଏ
ଧରି ଆର ଜଣକ ହାତକୁ
ଚୁମ୍ବନ ଦେଉଥାନ୍ତି
ଟାଣି ନିଜ ନିଜର ଆଡକୁ
କେତେବେଳେ ମନ ସଙ୍ଗେ ମନ ମିଶେ
କେତେବେଳେ ମନ ମିଳେ ନାହିଁ
ବିଅର ବୋତଲଧରି
ହାଇମାରେ ରାସ୍ତାରେ କହ୍ନେଇ
ସହରରେ ବନ୍ଧୁଟିଏ
ତୁମଲାଗି ଖୋଜୁଥିବ ଯଦି
ପାଇବନି ଏତେ ଶୀଘ୍ର
ଯଦି ତୁମେ ବୁଲ ଗଳି, କନ୍ଦି
ମୃତ୍ୟୁ ମଧ୍ୟ ଆସେ ଏଠି
କାହାରିକୁ ନଦେଇ ଖବର
ଧନୀ ଓ ଗରିବ ସଙ୍ଗେ

କରେନାହିଁ ପାତର ଅନ୍ତର
ମୃତ୍ୟୁ କେବେ ଆସେନାହିଁ
ଚିରା କନ୍ଥା, କମ୍ବଳ ଘୋଡେଇ,
ଶ୍ମଶାନେ ଜଳେନା ଜୁଇ
କାନ୍ଦୁଥାଏ ରାଇ ଏଠି କଇଁ କଇଁ ହୋଇ
'ଖ୍ରୀଷ୍ଟମାସ' ବଡପର୍ବ
ଆସିଥାନ୍ତି କିଏ କେତେ ଢଙ୍ଗେ
ସମୟ କଟାଇଥାନ୍ତି
ବାପ-ମା, ବାନ୍ଧବଙ୍କ ସଙ୍ଗେ
ଓଡିଶାର ପରବ, ପର୍ବାଣୀ
ଏଠି ଅବା ମିଳିବ ବା କାହୁଁ ?
ବାରମାସେ ତେର ଯାତ
ଏତେ ଶୀଘ୍ର ଯାଏ ଚାହୁଁ ଚାହୁଁ
ଘରଠାରୁ ରହି ଏତେ ଦୂରେ
ଭୁଲିବାକୁ ଯେବେ ଚେଷ୍ଟାକରେ
ଛଟପଟ ହୁଏ ମନ
ଖୋଜୁଥାଏ ଅନ୍ଧାରଭିତରେ
ଘରକଥା, ବୋଉକଥା
ସବୁବେଳେ ମୋର ମନେ ପଡେ
ଇଚ୍ଛାହୁଏ ଭାଇ କି ଭଉଣୀ
ଥାଆନ୍ତେକି ମୋ' କତେ କତେ

(୩)
ଗ୍ରୀଷମ ଋତୁଟି ଏଠି
ଅତି ମନୋହର
ସବୁଆଡେ କୋଳାହଳ
ଝାଳ ଏଠି ବୁହେନା କାହାର
ଆମ୍ବ, ପଣସ, ସପୁରୀ
ନଡିଆ, କଦଳୀ
ଦେଖିବାକୁ ମିଳେନାହିଁ ଗଛ
ପିଜୁଳି କି ଜାମୁକୋଳି
ଆଖିରୁ ଝରାଇ ଲୁହ
ଏଠି କାନ୍ଦେନି ଶ୍ରାବଣ
ସ୍ମୃତି ସବୁ ହଜିଗଲେ
ବାରମ୍ବାର ଖୋଜୁଥାଏ ମନ

ସାଧବ ବୋହୁର ନାଲି
ଚେହେରାକୁ କିଏ ପାରେ ଭୁଲି
ବହଳିଆ ଘାସର ଗାଲିଚା
ଆଖିକୁ ହିଁ ଦିଶେ ଖାଲି ଖାଲି
ବଗ ଉଡେନାହିଁ ଏଠି
ଶଂଖଚିଲ, ଗେଣ୍ଡାଳିଆ ନାହିଁ
ମାଛରଙ୍କା ଧାନକ୍ଷେତେ
ଖୋଜୁଥିଲେ, ମିଳିବବା କାହିଁ
ପୋଖରିହୁଡାରେ ବସି
ବେଙ୍ଗ କେବେ ଛାଡେ ନାହିଁ ରଡି
ମେଘ ଡମ୍ବରୁ ବଜାଇ
ଆସୁନି ସେ ମାରି ଘଡଘଡି
ହାଡଭଙ୍ଗା ଶୀତ ଏଠି
ହାତ ଗୋଡ ହୁଏ ଥରହର
ଯେଉଁଆଡେ ଯାଅ ତୁମେ
ଘାଇଁ ଘାଇଁ ଚାଲୁଛି ହିଟର
ଅସୁବିଧା ନାହିଁ ଏଠି
ଅଫିସ୍‌ରେ, ଘରେ ଓ ବାହାରେ
ହିଟରଟି ଥାଏ ଅନ୍
ପ୍ରତି କାର୍, ଟ୍ରକ୍ କି ଭ୍ୟାନ୍‌ରେ
ସ୍ତ୍ରୀଙ୍କୁ ଲାଗୁଅଛି ଥଣ୍ଡା
କମ୍‌ଥିଲେ ସତୁରୀ ଡିଗିରି
ପେପ୍‌କୋ ବିଲ୍ ବଢେ ପ୍ରତିବର୍ଷ
ରହୁଥିବ ନିଜେ ଡରି ମରି
ଶୀତଦିନେ ସଞ୍ଜ ହେଲେ
ଚୂଲୀମୁଣ୍ଡେ ଜଳେନାହିଁ ଜାଳ
ସୁଇଚ୍ ଟିପିଲେ ଥରେ
ଏଠି ସବୁ ଦିଶେ ଜଳ ଜଳ
ତୁଷାରପାତ ସମୟ
ଦେଖିବାକୁ ଅତୀବ ସୁନ୍ଦର
ସଫାସଫି କଥାଶୁଣି
ସମସ୍ତଙ୍କୁ ହେଇଯାଏ ଜର
ବରଫକୁ କାଢିବାକୁ ପଡେ
ଡ୍ରାଇଭ୍‌ୱେ ଓ କାର୍ ଉପରୁ
କୋହ୍ଲାମାରିଯାଏ ହାତ

ପାଣି ଗଡେ ନାକରୁ ପାଟିରୁ
ଚାହିଁଥାନ୍ତି ବସନ୍ତକୁ
ପଶୁ, ପକ୍ଷୀ, ଗଛ, ଲତା କେତେ
ଆସିବ ଆସିବ ବୋଲି
ଖବରଟା ପଠାଇଛି ମୋତେ
ବସନ୍ତର ଆଗମନେ ଏଠି
କୋଇଲି ଗାଏନି ଗୀତ
ଆମ୍ବଡାଳଟିରେ ବସି
କପୋତୀ ଖୋଜେନା ମିତ
କୁମ୍ଭାଟୁଆ ସ୍ୱପ୍ନ ଏଠି
ସ୍ୱପ୍ନ ଏଠି ଡାହୁକର ଡାକ
ସପନରେ ଷୋଡଶୀଟି
ଭେଟେ ତା'ର ସପନ ବଣିକ
ସପନ ହଜେନା ଏଠି
ପୂର୍ଣ୍ଣିମାରେ ଜହ୍ନ ଯେବେ ଆସେ
ରାତି ଆସେ, ରାତି ବିତେ
ରଜନୀଗନ୍ଧା ନ ବାସେ
ମାଦକତା ନାହିଁ ଏଠି
ପୁନେଇଁରେ, ଜହ୍ନ ଆଲୁଅରେ
ସବୁ ରାତି ଲାଗେ ଏକା
ବୁଝେନାହିଁ ମନ ସହଜରେ
ନାନାଜାତି ଫୁଲ ଫୁଟେ
ଏଠି ସବୁ ଘରେ ଓ ବାହାରେ
ଆଖିକୁ ଦିଶେ ସୁନ୍ଦର
ବାସନାଠୁଁ ରହିଥାଏ ଦୂରେ
ଶୁଭୁନାହିଁ କିଚିରି ମିଚିରି
ବଣି କିବା ବାଇ ଚଢେଇର
ଦିଶେନାହିଁ ହଳଦୀବସନ୍ତ
ଶୁଭୁନାହିଁ କପୋତର ସ୍ୱର
କାଉ ଦିଶେ ବେଳେ ବେଳେ
ଶୁଭେନାହିଁ କା କା ରାବ
ଖୁଦ ମୁଠେ ବିଞ୍ଚିବାକୁ
ଏଠି ନାହିଁ ସେସବୁ ଅଭାବ
ନଈନାହିଁ, ତୁଠ ନାହିଁ
(ସଞ୍ଜବେଳେ)
ବୋହୂମାନେ ହୁଅନ୍ତିନି ମେଳି
କଳସୀରେ ପାଣି ଭରି
ଯାଏ ନାହିଁ କେହି ହଲି ହଲି
ଅଛି ଘଞ୍ଚ ବଣ ବୁଦା
(ସକାଳେ, ସଞ୍ଜରେ)
ଏଠି ଠେକୁଆ ମାରଇ କୁଦା
ହରିଣୀ ମାରୁଛି ଡିଆଁ
କେହି ଦିଏନାହିଁ ବାଧା

(୪)

ଧନ୍ୟ ହେ ଈଶ୍ୱର !
ତୁମପାଇଁ ମିଳିଅଛି
ସିଲ୍ଭରସ୍ପ୍ରିଙ୍ଗ୍‌ରେ ଘର
ଘରେ ମୋର ସ୍ତ୍ରୀ, ମୁଁ
ଝିଅ, ପୁଅ ଚାରୋଟି ମେମ୍ବର
ନାହିଁ ମୋର ଚାକର ବାକର
ଅଫିସ୍‌ରେ ଅଫିସର
ବାହାରେ ମୁଁ ଡ୍ରାଇଭର
ବଜାର ସଉଦା ସଙ୍ଗେ
ଘାସକାଟେ ନିଜେ ମୁହିଁ
ବିଲ୍ ସବୁ ପୈଠ କରେ ମୋର
ଭଲ ମନ୍ଦେ ଚାଲିଛି ସଂସାର
ଧନ୍ୟ ହେ ସିଲ୍ଭରସ୍ପ୍ରିଙ୍ଗ୍
ତୁମକୁ ମୋ' କୋଟି ନମସ୍କାର ।

# ସ୍ମୃତି ତୁମେ !

ଶଶଧର ମହାପାତ୍ର, ସିଲ୍‌ଭର୍‌ସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍



ସ୍ମୃତି ତୁମେ ଆସିଥାଅ
ଅଜଣା ମୁହୂର୍ତ୍ତେ
ଖବର ନଦେଇ ତୁମେ
ଆସିଯାଅ ସତେ
ସ୍ମୃତି ତୁମେ ଶୀତଦିନ ଖରା
କେତେବେଳେ ଥାଅ ତୁମେ
କେତେବେଳେ ଚାଲିଯାଅ
ନଦେଇ ଇଶାରା
ସ୍ମୃତି ତୁମେ ଦେଉଳର ପାରା
କେତେବେଳେ ଧରାଦିଅ
କେତେବେଳେ ସହଜରେ
ନଦିଅ କି ଧରା
ସ୍ମୃତି ତୁମେ ପାଉଁଶ ଗଦାର ଧୂଆଁ
କେତେବେଳେ କୁହୁଳି କୁହୁଳି
ଧୀରେ ଧୀରେ
ଧରିଯାଅ ନିଆଁ
ସ୍ମୃତି ତୁମେ ସକାଳ କୁଣିଆ
ଆସ କେବେ ଯାଅ କେବେ
ତୁମ କଥା
ନଜାଣେ ଦୁନିଆ
ସ୍ମୃତି ତୁମେ ଅଟ ଛଦ୍ମବେଶୀ
କେତେବେଳେ ଲୁଚିଥାଅ
କେତେବେଳେ ଛପି ଛପି
ପାଖେ ବସ ଆସି
ସ୍ମୃତି ତୁମେ ପ୍ରେମିକାର ନାମ
କେତେବେଳେ ରାଧା ନାମେ
କେତେବେଳେ ଶ୍ରଦ୍ଧା ତୁମେ
କରୁଥାଅ ଭ୍ରମ
ସ୍ମୃତି ତୁମେ ଆସୁଥାଅ, ଯାଉଥାଅ
ତୁମକୁ ମୁଁ କରେ ନିମନ୍ତ୍ରଣ
ଡେଣା ଝାଡି ଆସ ଉଡି
ତୁମପାଇଁ ରହିଲା ମୋ' ରାଣ

**ଶାନ୍ତିର ମାୟାରେ**
**ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍**
**ଏପ୍ରିଲ୍ ୨୫, ୨୦୧୪**



ଶାନ୍ତିର ମାୟାଜାଲ ବିସ୍ତରିଛି ଏ ସାରା ଜଗତ
ଦୁନିଆଁରେ ସର୍ବଜନ ଶାନ୍ତିପାଇଁ ବିବ୍ରତ, ଅଶାନ୍ତ
ଶାନ୍ତିପାଇଁ କେତେ ରକ୍ତପାତ, ରଣର ହୁଙ୍କାର
ଶାନ୍ତି ପାଇଁ ଏ ଦୁନିଆର ନରନାରୀ, ସମସ୍ତେ ଅସ୍ଥିର ।୧।

ଶାନ୍ତିପାଇଁ ଯୋଗାଭ୍ୟାସ, ପ୍ରାଣାୟମ, ଦେବତା ଦର୍ଶନ
ତୀର୍ଥଯାତ୍ରା, ଅର୍ଥବଣ୍ଟା, ବୃଥା ଆଡମ୍ବର, ଯେତେ ପ୍ରଦୂଷଣ
ଶାନ୍ତି ପାଇଁ କେତେ ପ୍ରବଞ୍ଚନା, ଯୋଜନା ବିସ୍ତୃତ
ଶାନ୍ତିକୁ ଖୋଜିଖୋଜି ମଣିଷ ନୟାନ୍ତ, ଯେତେ ହନ୍ତସନ୍ତ ।୨।

ଶାନ୍ତିର ସଜ୍ଞା ଖୋଜି ବିସ୍ମୟରେ ଭରିଛି ମୋ ଚିତ୍ତ
କାହିଁକି ଶାନ୍ତିର ନାମେ, ଅଶାନ୍ତିର କଣ୍ଟକ ମୁକୁଟ
ସବୁ ଦେଶ, ସବୁ ଜାତି, ସବୁ ଧର୍ମ, ଶାନ୍ତିପାଇଁ ସମସ୍ତେ ବ୍ୟାକୁଳ
ମୁଖରେ ଶାନ୍ତିର ବାଣୀ, କାର୍ଯ୍ୟ କିନ୍ତୁ କରାଳ, ନିଷ୍ଠୁର ।୩।

ଇସ୍ରାଏଲ୍, ପାଲେଷ୍ଟାଇନ୍, ଯୁଝୁଛନ୍ତି ବର୍ଷବର୍ଷ ଧରି
ଆମେରିକା ମଧ୍ୟସ୍ଥି ସାଜିଛି, ଫଳାଫଳ ଯେପରି ସେପରି
ଇଜିପ୍ଟ୍ର ରକ୍ତପାତ, ଆଶାଥିଲା ଶାନ୍ତିର ଗଣତନ୍ତ୍ର ଫଳେ
ସବୁକିଛି ଓଲଟପାଲଟ, ଆଜି ସବୁଆଡେ ବିଦ୍ରୋହର ରଡନିଆଁ ଜଳେ ।୪।

ଅର୍ଥର ପ୍ରାଚୁର୍ଯ୍ୟ ଆଉ ଖ୍ୟାତିର ସମ୍ରାଟ ସେ ମାଇକେଲ୍ ଜାକ୍ସନ୍
ଛଟପଟ ହୁଏ ରାତିସାରା, କରି ଯେତେ ଔଷଧ ସେବନ
ହରିଯାଏ ନିଦ୍ରା କେଉଁ ଅଜଣା ଆତଙ୍କେ, ଅସ୍ଥିର ଚିନ୍ତନ
ନିଶାରେ ସେ ନୀଳକଣ୍ଠ ସାଜି, ଆଦରିଲା ଅନ୍ତିମ ଶୟନ ।୫।

ଶାନ୍ତିର ମାୟାରେ ଭମି ତରୁଣୀ ସେ ବାଛିଥିଲା ଗୁରୁ ଆଶାରାମ
ଯେତିକି ଗୌରବ ଥିଲା, ସବୁଗଲା, ଭସ୍ମସବୁ, ଅଙ୍ଗାର ସମ୍ମାନ
ହରିନାମ ତୁଣ୍ଡେ ଧରି, ସାଜିପାରେ ସତେ କେହି ଏତେ ସଇତାନ?
ସରମେ ହାରିଲା ପ୍ରାଣ, ଜୀବନରେ ଆଉ କିଛି ନାହିଁ ପ୍ରୟୋଜନ ।୬।

-----

ଶାନ୍ତିର ମାୟାରେ ମୁଁ ଛଟପଟ, ନିତି ହୁଏ ଘାରି
କେଉଁଠି ପାଇବି ଶାନ୍ତି, ରହିଯିବି ସେଇଠାରେ ତାହାକୁ ଆଦରି
ତାପାଇଁ ଲଂଘିବି ମୁଁ ଦୁର୍ଜନ ଗିରି, ନଦୀନାଳ, ନିଘଞ୍ଚ କାନନ
ଗାଇବି ମୁଁ ତାର ଗୀତ, ଦିବାନିଶି କରୁଥିବି ତାରୂପ ବର୍ଣ୍ଣନ ।୭।

ଆଙ୍କିବି ମୁଁ ଚିତ୍ର ତାର ଗଢିଦେବି ସୁରମ୍ୟ ଭବନ
ସୁଶୀତଳ ଝରଣାରେ ବହୁଥିବ ମନ୍ଦ ସମୀରଣ
ରସିବି ମୁଁ ପ୍ରେମେ ତାର, ରଚିବି ମୁଁ କେତେ ଯେ କବିତା
ଶାନ୍ତିର ଅମୃତ ପାଇଁ ମହୋଦଧି ମନ୍ଥନରେ ସାଜିବି ମୁଁ କର୍ତ୍ତା ।୮।

ଆଖିଖୋଲି ଚାହିଁଦେଲି ଉନ୍ମୁକ୍ତ ମୋ ବାତାୟନ ଫାଙ୍କେ
ନାଚୁଥିଲା ଘାସଫୁଲ, ଖରାଖାଇ କେତେ ଯେ ପୁଲକେ
ଅନୁକ୍ଷଣେ କେହି ମୋତେ, ମୋ ଅନ୍ତରୁ କହିଲା ଆଦରେ
ଶାନ୍ତି ତ ତୋ ଅଛି ନିଜ ମନେ, କାହିଁକି ତୁ ଖୋଜୁ ଏତେ ଦୂରେ? ।୯।

ଶାନ୍ତିପାଇଁ ନାହିଁ ଲୋଡା ଅର୍ଥହାନି, ବୃଥାଚିନ୍ତା, ବୃଥା ପରିଶ୍ରମ
ଶାନ୍ତିପାଇଁ ନାହିଁ ଲୋଡା ବିଶାଳ ଯୋଜନା, ଅଯଥା ଚିନ୍ତନ
ଶାନ୍ତି ପାଇଁ ନାହିଁ ଲୋଡା ଗୁରୁ କେହି, ଗୁରୁ, ତୋର ନିଜ ମନ
ଶାନ୍ତି ତ ତୋ ଅତି ଆପଣାର, ନିଜ ରୂପ, ନିଜ ଆତ୍ମା, ନିଜ ଆତ୍ମଜ୍ଞାନ ।୧୦।



## ଆକାଶର ସ୍ୱପ୍ନ

**ସୁଲୋଚନା ପଟ୍ଟନାୟକ, ଏଲ୍‌କ୍‌ରିଜ୍‌, ମେରୀଲାଣ୍ଡ୍**





ଆକାଶରେ ମେଘ ଆଜି ଜମାଟ ବାନ୍ଧିଛି
ଘନ ନୀଳ ରଙ୍ଗ ତାକୁ ଆବୋରି ବସିଛି
କଥା ସେ ପାରୁନି କହି
ବସି ବସି ଗୁମୁରା ମାରୁଛି ।

ମେଘ ରାଣୀ ଖେଳେ ଯେବେ ଆକାଶର କୋଳେ
ନୀଳ ନୀଳ ଆକାଶର ରଙ୍ଗ ବି ବଦଳେ
ଧରା ଦେଖି ହସେ ମନେ ମନେ
ମନ କହେ ଛୁଅନ୍ତାକି ନୀଳିମାକୁ ଥରେ ।

ଚପଳା ବିଜୁଳି ଖେଳେ ସେ ମେଘ କୋଳରେ
ଏପାରି ସେପାରି ହୋଇ ଘୁରୁଥାଏ ଚକ୍ରେ
ଖୋଜୁଥାଏ ସାଥିଟିଏ ଆକାଶ ବୁକୁରେ
ନ ପାଇ ସେ ମିଶିଯାଏ ସେ ମେଘ କୋଳରେ ।

ଧରା ବୁକେ ମଥା ପିଟି ସାଗର ଡାକଇ
ଗୋଟେ ପରେ ଗୋଟେ ଖାଲି ଲହଡି ଭାଙ୍ଗଇ
ଛୁଇଁ ତ ପାରେ ନା ସିଏ ଆକାଶର ସୀମା
ଆଶାୟୀ ତା ମନ କାହା ମନା ସେ ମାନେନା ।

ଆକାଶର ନୀରବତା ଅବା ତାର ଚୁପି ଚୁପି ହସ
ମନ ଭରା ଖେଳା ତାର ଚପଳା ସହିତ
ଲାଗିଅଛି ଲାଗିଥିବ ଅନାଦି ଅନନ୍ତ
ମିଳନର ସ୍ୱପ୍ନ ତାର ନ ହେଉ ସମାପ୍ତ ।

## ଭାବନାରୁ ଖିଏ

**ମନୋଜ ପଣ୍ଡା, ରକ୍‌ଭିଲ୍‌, ମେରୀଲାଣ୍ଡ୍‌**



ସମୟର ମାନଦଣ୍ଡରେ ବ୍ୟତିକ୍ରମର ବିବର୍ତ୍ତନ
ଏକ ଅଲେଖା, ଅକୁହା ସମ୍ବେଦନର ନିଛକ ଅନ୍ତର୍ନାଦ
କେବେ ହୁଏ ସ୍ୱପ୍ନିଳ
ଆଉ କେବେ ଲାଭାର ଗରଳ
ନିମିଷକ ମୁହୂର୍ତ୍ତରେ କରେ ପଟ୍ଟ ପରିବର୍ତ୍ତନ ।

ଛାଡି ଯାଏ ଅସୁମାରୀ ପ୍ରଶ୍ନବାଚୀ
ବିଜ୍ଞାନର ସାହା ନିଏ ପ୍ରଶ୍ନୋତ୍ତରୀର ଇନ୍ଦ୍ରଜାଲରେ
ଆହା... ଉତ୍ତର ପୁଣି ସୃଷ୍ଟିକରେ ଅନେକ ପ୍ରଶ୍ନର ସମ୍ଭାର
ମାୟାବର୍ତ୍ତର କେନ୍ଦ୍ରବିନ୍ଦୁ ହୋଇଯାଏ ଆହୁରୀ ଗଭୀର ।

କିଏ ସେ ଏ ଇନ୍ଦ୍ରଜାଲର ଐନ୍ଦ୍ରଜାଲିକ
କିଏ ସେ ଏ ସମୟ ପ୍ରବାହର ଭିତ୍ତିଭୂମି
କିଏ ସେ ଏ ଗାଣିତିକ ସମୀକରଣର ଅନ୍ତବାହକ
କିଏ ସେ ଏ ସୀମା ଓ ପରିସୀମାର ମୌଳିକ ନିର୍ଣ୍ଣାୟକ ?

ଯେତେବେଳେ ଅନ୍ତଦୃଷ୍ଟି ନିର୍ଲିପ୍ତ ସ୍ତରକୁ ଚାଲିଯାଏ
ତେବେ ଏ ସବୁ ଅଜ୍ଞାନର ବୁଢିଆଣି ଜାଲ ଖୋଲିଯାଏ
ସତ୍ୟ ହୁଏ ସତତ ପ୍ରତୀୟମାନ
ଆଶ୍ଲେଷ ବିକଶିତ ହୁଏ ନିର୍ବିକଳ୍ପ ନିରାଲମ୍ବରେ
ଜୀବନ ସର୍ବୋତ୍କୃଷ୍ଟ ଲକ୍ଷର ହୁଏ ପରିସମାପ୍ତି
ଏକ ଅନିର୍ବଚନୀୟ ଆନନ୍ଦ ସତ୍ୟ-ଶିବ-ସୁନ୍ଦରତାରେ
ହୁଏ ଆହ୍ଲାଦିତ, ଅବିରତ ଭାବେ... ଯାହାର ନଥାଏ ଆଦି କିମ୍ବା ଅନ୍ତ ।

## ସଙ୍କେତ
## ଦେବରାଜ ସାହୁ, ନର୍ଥ ପୋଟୋମାକ୍, ମେରୀଲାଣ୍ଡ୍

ସଙ୍କେତ ଆସିଚି
ଅଶୁଭ ଉପଲବ୍ଧି
ଅମଙ୍ଗଳ ଯୋଜନା
ଅସଂପୂର୍ଣ୍ଣ କାର୍ଯ୍ୟ ।



ସଙ୍କେତ ଆସିଚି
ଅପ୍ରୀତିକର ପରିସ୍ଥିତି
ଅସ୍ୱାସ୍ଥ୍ୟକର ପରିବେଶ
ଅକଥନୀୟ ବେଦନା ।

ସଙ୍କେତ ଆସେ ଘଣ୍ଟାରୁ
ନିଦ ଭାଙ୍ଗି ଚକ୍ଷୁ ଉନ୍ମୋଚନ ବେଳେ
ତାଚ୍ଛଲ୍ୟକର ମୁଖ ତାର
ଦେଖ ଏହି ସଂଖ୍ୟାଟି – "ତେର" ।

ସଙ୍କେତ ଆସେ ତେର ଠାରୁ
ଏକ ଅନାହୁତ ଅତିଥି ପରି
କାମରେ କ୍ଲେଶ
ଆଉ ବନ୍ଧୁରେ ଅଶାନ୍ତି ।

କ୍ଷୌର ବେଳେ ବଦନ ରକ୍ତାକ୍ତ
ଗାଡି ଦୁର୍ଘଟଣା ଗ୍ରସ୍ତ
କାର୍ଯ୍ୟରେ ମାଗଣା ଖାଦ୍ୟ – ଆଶା ଅସଂପୂର୍ଣ୍ଣ
ମାଂସ ଆସେ, ମୁଁ ନିରାମୀଶ କହି ।

ପତିଟି ଘଣ୍ଟା ସତର୍କ କରେ
ମୁଁ ଚକ୍ରାନ୍ତରେ ଜଡିତ
ମୋ ଠାରୁ ମୁକ୍ତି ନାହିଁ
ପାରିବକି ମୁକୁଳି?

କପାଳ ଲେଖନ
ବିଧିର ବିଧାନ
ଭବିତବ୍ୟର ନିଶ୍ଚିତ ନିଦାନ
ଶୃଙ୍ଖଳରେ ବନ୍ଧା ଜୀବନ ।

# ଆପେକ୍ଷିକତା

ସ୍ନିଗ୍ଧା ହୋତା, ଏଲିକଟ୍ ସିଟି, ମେରୀଲାଣ୍ଡ୍



ଆଜି ଆକାଶ କାହିଁକି ନୀଳ?
ବୃକ୍ଷଶାଖା ସବୁ ପୁଷ୍ପାୟିତ ହେଲେଣି
ଏ ବର୍ଷ ଫୁଲ ସବୁ ଗାଢ ଗୋଲାପି
ପତ୍ର ବେଶୀ ସବୁଜ, ଆକାଶ ଅଧିକ ନୀଳ

ଏ ଗାଡିଆରେ ସୂର୍ଯ୍ୟର ପ୍ରତିବିମ୍ବ ତ ମୁଁ କେବେ
ଦେଖିନଥିଲି !
ମଳୟର ତାଳରେ ଖେଳୁଥିବା ଏଇ କ୍ଷୁଦ୍ର ତରଙ୍ଗ
କେତେ ମନମୁଗ୍ଧକର
ଏହା କେବେ ଅନୁଭବ କରିନଥିଲି ।

ବସନ୍ତର ଆଗମନରେ କଣ
ସବୁବେଳେ ବିହଙ୍ଗ ଏମିତି କଳରବ କରନ୍ତି ?
ଏଇଠି ଏତେ ବର୍ଣ୍ଣର ଚଢେଇ ତ ମୁଁ କେବେ
ଦେଖିନଥିଲି
ଏଇଠି ହଳଦୀ ବସନ୍ତ!!
ଏଇ ଉଡିଗଲା ଏଇ ନୀଳ ରଙ୍ଗର ଚଢେଇ ।

ଇହୁଦିନ ପରେ ପାଗ ଭଲ ହେବାରୁ
ପିଲାମାନେ ବାହାରକୁ ବାହାରି ପାରିଲେ
ତାଙ୍କ କଥା କେତେ ମଧୁର
ପୁଣି କିଛି ଦିନପରେ.....
ଆଜି ଏତେ ଶୀଘ୍ର କାହିଁକି ସନ୍ଧ୍ୟା ହୋଇଗଲା?

ଏପ୍ରିଲ୍ ହୋଏଗଲା ଶୀତ ଯାଉନି,
ଗଛରେ ପତବି ଆସୁନି କି ଘାସବି ବଢୁନି,
ଖରାଟା ଆଖିରେ ପଡୁଛି, ପର୍ଦାଟା ବନ୍ଦ କରିଦିଅ ।

ଏ ଚଢେଇ ମାନେ
ସକାଳୁ କାହିଁକି ଚିତକାର କରୁଛନ୍ତି,
କବାଟଟା ବନ୍ଦ କରିଦିଅ
ହଠାତ୍ ଏତେ ସବୁ ଛୁଆ କୁଆଡୁ ଆସିଲେ...
ମୁଣ୍ଡରେ ମଣିଷ କିଛି ଭାବି ପାରୁନି

ଏମିତି କେତେଯେ ବସନ୍ତ ବିତିଯାଇଛି,
ତାର ମାଦକତା ଆମେ ଅନୁଭବ କରିନୁ
କେତେ ଫୁଟି ଝଡି ଯାଇଛି,
ତାର ସୁଗନ୍ଧ ଆଘ୍ରାଣ କରିନୁ
ଆଗାମି କାଲିର ସମ୍ଭାବନାରେ
ପ୍ରତ୍ୟହ ବଳିଦେଉ ବର୍ତ୍ତମାନକୁ
ଏମିତି ପ୍ରତ୍ୟେକ ବର୍ତ୍ତମାନ ହୋଇଯାଏ ଅତୀତ.....

ହେ ଅନ୍ତସାକ୍ଷୀ ମୋର
କେବେ ହେବି ମୁକ୍ତ ମୁହିଁ ଆନନ୍ଦ ନିରାନନ୍ଦର
ଚକ୍ରବ୍ୟୁହରୁ?

ସମସ୍ଥିତି, ସମଚିତ୍ତ, ସମଭାବେ ହେବିମୁଁ ଜାଗ୍ରତ ।

# ପଣା ସଂକ୍ରାନ୍ତିରେ ପଣା

ମୂଳ ଲେଖା – ତାରାପ୍ରସାଦ ଜେନା (ଇଣ୍ଟରନେଟ୍‌ରୁ)
ପାଠକ (ସାମାନ୍ୟ ପରିବର୍ତ୍ତନ ସହ) – ଜୟଗୋପାଳ ମହାନ୍ତି, ଏଲ୍‌କ୍ରିଜ୍, ମେରୀଲାଣ୍ଡ୍



ଆସ ହୋ ସଙ୍ଗାତ ଆସ ମୋର ମିତ,
କରିଛି ବଢିଆ ପଣା
ପଣା ସଂକ୍ରାନ୍ତିରେ କୁଆଡେ ଯାଉଛ,
ହୁଅନି ଜମାରୁ ବଣା
ଆଜି ଠାରୁ ଜାଣ ବୈଶାଖ ଆରମ୍ଭ
ନୂଆ ବର୍ଷ ହୁଏ ଗଣା ।

ଦେଶୀ କଦଳୀକୁ କଞ୍ଚା ଛେନା ସାଥେ,
ରାବିଡି ଦେଇଛି ଫେଣ୍ଟି
ଖଣ୍ଡ ବରଫରେ ଟିକେ ଚିନି ମାଖି
ଢାଳିଛି କ୍ଷୀରକୁ ଘାଣ୍ଟି
କୋରା ନଡିଆକୁ ପକେଇଛି ପୁଣି,
ବେଲର ଶସକୁ ଛଣା ।

ଛେନା ଅଳେଇଚ ଗୁଜୁରାତି ଦାନା,
ଗୋଲ ମରିଚର ଗୁଣ୍ଡ
କାଜୁ କିସ୍‌ମିସ୍ ଚୂନା ଚୂନା ସେଓ,
ପଣାଟି ହୋଇଛି ମଣ୍ଡ
କଟା ଚେରି କୋଳି ଉପରେ ପଡିଚି,
ଖାଇଲେ ମଉଜ ଜଣା ।

ଖରା ବାଧିବନି ପିତ ବଢିବନି,
ମୁଣ୍ଡଟା ହୋଇବ ଥଣ୍ଡା
ପଣା ପିଇଦେଇ ଆରାମରେ ଆଉ,
ବସିପା ଘଡିଏ ପିଣ୍ଡା
ଓଡିଆ ମାନଙ୍କ ନୂଆ ବରଷରେ,
ଭଲରେ ହେଉଥା ଗଣା ।

# ଆସିବ, ଶାନ୍ତିଦେବ

ଲକ୍ଷ୍ମୀଧର ନାୟକ (ସ୍ୱର୍ଗତ)

ପାଠକ – ବିନୋଦ ନାୟକ, ନର୍ଥ ପୋଟୋମାକ୍, ମେରୀଲାଣ୍ଡ୍



ଜାଣିତ ନଥିଲି ଶେଷ ଜୀବନଟା
ଏତେ ଜ୍ୱାଳାମୟ ହେବ
ଅଜଣା କିଏସେ କେଉଁଠି ଲୁଚିଛି
ଆସିବ ଶାନ୍ତିଦେବ ।

ଘରର ବାହାର ଭିତରେ ଧାଉଁଛି
କେବେବା ବସୁଛି କେବେବା ଶୋଉଛି
ଦିନ ସରୁନାହିଁ ବେଳ କଟୁନାହିଁ
ଦିକ୍‌ଦାରି କିଏ ହେବ
ଆସିବ ଶାନ୍ତି ଦେବ ।

ମରଣକୁ ଆଜି ବରଣ କରିବି
ତିଆରି ରହିଛି ମୁଁ
ହେଲେ ସେ ମରଣ କୋଉଠି ଆସୁଛି
ଖୋଜୁଛି ମୁଁ ବହୁଦିନୁ
ଚାରିଆଡେ ଦେଖେ ଶୂନ୍ୟତା ଖାଲି
କୋଉଠି କୃଷ୍ଣ କାହିଁ ବା ମୂରଲୀ
ଖାଲି ହାହାକାର ଲୁହ ଛଳଛଳ
ଖାଲି ମଥାପିଟା ଖାଲି କ୍ଷୋଭ
ଆସିବ ଶାନ୍ତି ଦେବ ।

